# ନୃସିଂହ ଗୁରୁ ଏକ ଅମଳିନ ପ୍ରତିଭା

ହରେକୃଷ୍ଣ ବହିଦାର

୧୯୬୭ ମସିହାର କଥା । ଭେଡେନ ବ୍ଲକର ବ୍ଲକ ଉନ୍ନୟନ ଅଫିସର ଥିବା କାଳରେ ରେମଣ୍ଡାଠାରେ ଅକ୍ଟୋବର ଦୁଇ ତାରିଖ ଦିନ ଗାନ୍ଧିଜୟନ୍ତୀ ଅବସରରେ ଗୁରୁଙ୍କୁ ମୁଖ୍ୟବକ୍ତା ହେବା ସକାଶେ ସମ୍ବଲପୁରରେ ତାଙ୍କ ସହିତ ସାକ୍ଷାତ କରି ରାଜି କରେଇଲି । ମୁଁ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ଏବଂ ଗାନ୍ଧିଜୀଙ୍କ ଜୀବିତା ଅବସ୍ଥାରେ ସେବାଗ୍ରାମ ଆଶ୍ରମରେ ତାଲିମ ପାଇଥିବାରୁ ଯେଉଁଠି ଥାଏଁ ଗାନ୍ଧିଜୟନ୍ତୀ ପାଳନ କରିଥାଏଁ । ଭେଡେନ ଏକ ସଂସ୍କୃତି ସମ୍ପନ୍ନ ଅଞ୍ଚଳ । ଭେଡେନ ଜମିଦାର ମୋର ପରମ ବନ୍ଧୁ ଥିଲେ । ଅକ୍ଷୟ ତୃତୀୟା ଦିନ ତାଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରିବାରୁ ସେ ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ସେ ମଦ୍ୟପି ଥିବାରୁ କେହି ତାଙ୍କ ସହ ସାକ୍ଷାତ କରୁ ନ ଥିଲେ । ମୋର ଅନୁରୋଧରେ ଅକ୍ଷୟ ତୃତୀୟା ଦିନ ଆଉ ମଦ ନ ଛୁଇଁବାକୁ ପ୍ରତିଜ୍ଞା କଲେ । ମୁଁ ଆନନ୍ଦରେ ବୃକୋଦର ସିଂହ ଜମିଦାର ଙ୍କୁ କୁଣ୍ଢେଇ ପକାଇଲି ।

ଶ୍ରାବଣ ପୂର୍ଣ୍ଣିମା ଦିନ ଗଙ୍ଗାଧର ଜୟନ୍ତୀ ପାଳନ ହେଲା । ହଜାର ହଜାର ଲୋକଙ୍କ ସମାଗମ । ଲୋକଙ୍କର ବଦାନ୍ୟତା ହେତୁ ସମସ୍ତଙ୍କ ସକାଶେ ଅନ୍ନର ବ୍ୟବସ୍ଥା ହୋଇଥିଲା । ଦିଅଁ ଦେଖା କଦଳୀ ଖିଆ ଉଭୟ ହୋଇଗଲା ।

ରେମଣ୍ଡାର ଜନନେତା ୰ ମଙ୍ଗଳୁ ପ୍ରଧାନ ଅନୁରୋଧ କଲେ ରେମଣ୍ଡାରେ ଗାନ୍ଧିଜୟନ୍ତୀ ପାଳିତ ହେବ ସ୍ଥିର ହେଲା ।ପ୍ରଖ୍ୟାତ ଗାନ୍ଧିବାଦୀ ନୃସିଂହ ଗୁରୁଙ୍କୁ ମୁଖ୍ୟବକ୍ତା ଓ ୰ ଶ୍ରଦ୍ଧାକର ସୁପକାରଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରିବା। ରେମଣ୍ଡାରେ ମଧ ହଜାର ହଜାର ଲୋକଙ୍କ ସମାଗମ । ମନେହୁଏ ନୃସିଂହ ଗୁରୁ ଓ ଶ୍ରଦ୍ଧାକର ସୁପକାରଙ୍କୁ ଏପରି ସମ୍ମାନ ପୂର୍ବରୁ କେହି ଦେଇ ନ ଥିବେ । ଉଭୟ ଅତିଥିଙ୍କୁ ଯେତେବେଳେ ପେଣ୍ଡାଲ ଉପରକୁ ନିଆଗଲା ହଜାର ହଜାର ଲୋକଙ୍କ କରତାଳିରେ ଗଗନ ପବନ କମ୍ପି ଉଠିଲା । ଉଭୟ ଅତିଥିଙ୍କ ଆଖି ଛଳ ଛଳ ହୋଇଗଲା । ଉଭୟଙ୍କ ବକ୍ତୃତା ଶେଷ ହୋଇ ଧନ୍ୟବାଦ ଦେବା ପୂର୍ବରୁ ନୃସିଂହ ଗୁରୁ ଆସନରୁ ଉଠି ପଡିଲେ । କହିଲେ " ମୋତେ ଦୟାକରି ସମ୍ବଲପୁରରେ ଛାଡି ଦିଅନ୍ତୁ ।"ତାଙ୍କର ଆଦେଶ ପାଳନ କରିବାକୁ ହେଲା । ଧନ୍ୟବାଦ ଜାଣିବାକୁ ଗୁରୁ ମହାଶୟ ପ୍ରସ୍ତୁତ ନ ଥିଲେ ।

ମୁଁ ପିଲାଟି ଦିନରୁ 'ସମାଜ' ପଢି ଆସୁଥିଲି । ମହତାବ ଙ୍କ ପ୍ରଜାତନ୍ତ୍ର ବାହାରିବା ପରେ ଗାଁ ମଜଲିସ ଲୋଭରେ ପ୍ରଜାତନ୍ତ୍ରର ଗ୍ରାହକ ହେଲି । ରାଧାନାଥ ବାବୁଙ୍କ "ଝିଟିପିଟି କହେ" ଓ ମହତାବଙ୍କ " ଗାଁ ମଜଲିସ" ପ୍ରଭାବରେ ଅବସର ଗ୍ରହଣ ପରେ ଦୈନିକ ଅଗ୍ନିଶିଖା ରେ "ଲୋକ ମଜଲିସ" ଲେଖିବା ଆରମ୍ଭ କଲି । ବାର ବର୍ଷ ହୋଇଗଲା ।

ସମ୍ବଲପୁରରୁ ରେମଣ୍ଡା ଓ ରେମଣ୍ଡାରୁ ସମ୍ବଲପୁର ଫେରିବା ବାଟରେ ଗୁରୁ ମହାଶୟ ଙ୍କ ସହ କଥା ବାର୍ତ୍ତା ରୁ ଜାଣିଲି ସେ ମୋ ଅଜା (ମାଁ ଙ୍କ ମାମୁ) ୰ ନିତ୍ୟାନନ୍ଦ ବହିଦାର ଓ କାକା ସ୍ୱାଧୀନତା ସଂଗ୍ରାମୀ ଦିବାକର ବହିଦାରଙ୍କ ଅତି ଆପଣାର ଥିଲେ । ବିଦାୟ ନେଲା ବେଳେ ପଦଧୂଳି ନେଇ ଆଶୀର୍ବାଦ ନେଲା ବେଳେ କୁଣ୍ଢେଇ ପକାଇଲେ, ଠିକ୍ ଆଚାର୍ଯ୍ୟ ମହାଶୟ ଯେପରି କୁଣ୍ଢାଇ ପକାଉଥିଲେ ।

ମୁଁ ସମଗ୍ର ଭାରତର ସମସ୍ତ ମୁଖ୍ୟ ଗାନ୍ଧିଆଶ୍ରମମାନ ପରିଦର୍ଶନ କରିବାରୁ ସୁଯୋଗ ପାଇଛି । ଶତ ଶତ ଗାନ୍ଧିବାଦୀ ଙ୍କ ସମ୍ପର୍କରେ ଆସିଛି କିନ୍ତୁ କେଜାଣି କାହିଁକି ନୃସିଂହ ଗୁରୁ ମୋତେ ବେଶ ପ୍ରଭାବିତ କରି ପାରିଥିଲେ । ଆଚାର୍ଯ୍ୟ ହରିହର ଦାଶଙ୍କ ପରି ନୃସିଂହ ଗୁରୁ ଙ୍କ କରୁଣ ମୂର୍ତ୍ତି ଏବେ ବି ମନେ ପଡେ ।

ଗାନ୍ଧିଜୀ ଙ୍କ ଅତିନିକଟ ସମ୍ପର୍କରେ ଆସି ସୁଦ୍ଧା ବହୁଲୋକ ଗାନ୍ଧିଜୀ ଙ୍କ ଏକାଦଶ ବ୍ରତ ପାଳନ କରିବାରେ ଅକ୍ଷମତା ପ୍ରଦର୍ଶନ କଲେ କିନ୍ତୁ ଗୁରୁ ମହାଶୟ ଜୀବନର ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଗାନ୍ଧୀ ଆଦର୍ଶରୁ ବିଚ୍ୟୁତ ହୋଇ ନାହାନ୍ତି । ତାଙ୍କର ଏକମାତ୍ର ଦୁଃଖ ଥିଲା ପଚାଶ ବର୍ଷ ଧରି ସେବା କରି ଆସିଥିବା ଅନୁଷ୍ଠାନରୁ ଇଚ୍ଛା ବିରୁଦ୍ଧରେ ତାଙ୍କୁ ବିଦାୟ ଦେବା । ସେହିଦିନଠାରୁ ସମ୍ବଲପୁରରେ 'ସମାଜ' ପ୍ରତି ମଧ ଆଦର କମିଗଲା କିନ୍ତୁ ୰ ରାଧାନାଥ ରଥଙ୍କ ନୃସିଂହ ଗୁରୁ ଙ୍କ ଉଦ୍ଦେଶ୍ୟରେ ଦେଇଥିବା ଶୋକବାର୍ତ୍ତା ସବୁ କଥା ବଦଳାଇ ଦେଲା । ରଥେ ଆପଣେ ନୃସିଂହ ଗୁରୁଙ୍କ ପରିବାରବର୍ଗଙ୍କୁ ସମବେଦନା ପ୍ରକାଶ କରି ୧୯୮୪ ମସିହା ଜାନୁୟାରୀ ୩ ତାରିଖରେ ଦୈନିକ ସମାଜ ପୃଷ୍ଠରେ ଲେଖିଥିଲେ "ମୋର ସମ୍ମାନନୀୟ ପରମବନ୍ଧୁ, ସହକର୍ମୀ, କୁଳବୃଦ୍ଧ ସଂଗ୍ରାମୀ ଓ ବୟୋଜ୍ୟେଷ୍ଠ ସାମ୍ବାଦିକ, ପ୍ରଖ୍ୟାତ ଜନସେବକ ଶ୍ରୀ ନୃସିଂହ ଗୁରୁଙ୍କ ଆକସ୍ମିକ ପରଲୋକ ମୋ ପକ୍ଷରେ ଓ ଆମ ଅନୁଷ୍ଠାନ ପକ୍ଷରେ ଏବଂ ଓଡିଶାର ଦୁସ୍ଥଜନତା ପକ୍ଷରେ ଏକ ଦାରୁଣ ବିଚ୍ଛେଦ ସମ୍ବାଦ । ତାଙ୍କ ଭଳି ତ୍ୟାଗୀ, ନିଷ୍ପାପର, ନୀତିବାଦୀ ତଥା ନିର୍ଭୀକ ଦେଶ ସେବକ ବର୍ତ୍ତମାନ ଯୁଗରେ କମ୍ ଅଛନ୍ତି ।

ତାଙ୍କୁ ଆମ ପରିବାରର ଲୋକ ବୋଲି ଭାବି ଭକ୍ତି ଓ ଶ୍ରଦ୍ଧା କରୁଥିଲୁ । ତାଙ୍କ ବିୟୋଗରେ ସେ ସ୍ଥାନ ପୂରଣ କରିବା ଭଳି ବ୍ୟକ୍ତି ଆମ ଗହଣରେ କ୍ୱଚିତ ଅଛନ୍ତି । ଆମ ଅନୁଷ୍ଠାନ ତାଙ୍କ ନିକଟରେ ଚିରଋଣୀ । ମୁଁ ବ୍ୟକ୍ତିଗତ ଭାବରେ ଶେଷ ଦର୍ଶନ କରିବାକୁ ନ ଯାଇପାରି ଦୁଃଖିତ । ଶାରୀରିକ ଅବସ୍ଥା ଦୃଷ୍ଟିରୁ ମୋର ଯିବା ସମ୍ଭବ ହେଲା ନାହିଁ । ମୋର ବନ୍ଧୁମାନେ ଯାଉଛନ୍ତି । ମୋର ହୃଦୟ, ମନ ସେମାନଙ୍କ ସାଙ୍ଗରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଓ କୃତଜ୍ଞତା ଜଣାଇବା ପାଇଁ ଅଲେକ୍ଷ୍ୟରେ ଯାଉଛି । ମୋ ଠାରୁ ସେ ବୟସରେ ସାନ, କିନ୍ତୁ ମୁଁ ତାଙ୍କୁ ଗୁରୁତୁଲ୍ୟ ଭକ୍ତି କରୁଥିଲି । ତାଙ୍କ ପରିବାର ବର୍ଗ, ଆତ୍ମୀୟସ୍ୱଜନ ଓ ସାଙ୍ଗସାଥୀ ଙ୍କୁ ସମବେଦନା ଜଣାଉଛି । ତାଙ୍କ ଆତ୍ମା ଆମ ପକ୍ଷରେ ଅଲିଭା ଆଲୋକ ରୂପେ ଆମକୁ ପ୍ରେରଣା ଦେଉ । ମୋର ବିଶ୍ୱାସ ସେ ଶାନ୍ତିରେ ଭଗବାନଙ୍କ କୋଳକୁ ଯାଇଛନ୍ତି । ସମ୍ବଲପୁରରେ ଦୀପାଲୋକ ଥିଲେ । ଏବେ ତାହା ଲିଭିଗଲା । ଏହା ନିୟତିର ବିଚାର ।"

ପ୍ରଧାନ ପଣ୍ଡା
ସମ୍ବଲପୁର